ରାଷ୍ଟ୍ରୀୟ ଯୁବ ସଂସଦର ଉଦ୍‌ଯାପନୀ ସମାରୋହ

# ବଂଶବାଦ ରାଜନୀତି ଦେଶ ପାଇଁ ବୋଝ: ମୋଦୀ



**ନୂଆଦିଲ୍ଲୀ,୧୨।୧/ଏଜେନ୍ସି:** ଯୁବକମାନେ ରାଜନୀତିରେ ଯୋଗ ଦେବାକୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଯୁବଶ୍ରେଣୀ ରାଜନୀତିକୁ ନଆସିଲେ ବଂଶବାଦ ରାଜନୀତି ଜାରିରହି ଗଣତନ୍ତ୍ରକୁ ଦୁର୍ବଳ କରିଦେବ। ବଂଶବାଦ ରାଜନୀତି ଗଣତନ୍ତ୍ରର ବଡଶତ୍ରୁ। ଏହାର ମୂଳୋତ୍ପାଟନ କରିବାକୁ ପଡିବ। ବଂଶବାଦ ରାଜନୀତି ଦ୍ୱାରା ଅପାରଗଙ୍କୁ ଉଚ୍ଚସ୍ଥାନକୁ ଯିବାକୁ ସୁଯୋଗ ଦେଉଛି। ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱେଚ୍ଛାଚାରୀତା ପାଇଁ ପଥ ପରିଷ୍କାର ହେଉଛି ବୋଲି ମଙ୍ଗଳବାର ଦ୍ୱିତୀୟ ରାଷ୍ଟ୍ରୀୟ ଯୁବସଂସଦର ଉଦ୍‌ଯାପନୀ ସମାରୋହରେ ଭିଡିଓ କନଫରେନ୍ସିଂ ଯୋଗେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଲେ, ପ୍ରତିଭାର ବିକାଶ ଏବଂ ସ୍ୱପ୍ନ ସାକାର କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରସ୍ତୁତ ହେବା ଦରକାର। ସେ ଶିକ୍ଷା ବ୍ୟବସ୍ଥା ହେଉ ବା ସାମାଜିକ ବ୍ୟବସ୍ଥା ହେଉ ଏସବୁ ହେଉଛି ପ୍ରତ୍ୟେକ ବିଷୟର କେନ୍ଦ୍ର। ଦେଶରେ ଉତ୍ତମ ବ୍ୟକ୍ତି ରହିଲେ ଆମେ ଉତ୍ତମ ଦେଶଗଠନ କରିପାରିବା।

ସେ କହିଲେ, ନୂଆ ଶିକ୍ଷାନୀତିରେ ଉତ୍ତମ ବ୍ୟକ୍ତିତ୍ୱ ଗଠନକୁ ପ୍ରାଥମିକତା ଦିଆଯାଇଛି। ଯୁବ ସମାଜର ନିଷ୍ପତ୍ତି ଓ ବିଶ୍ୱାସକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି। ବର୍ତ୍ତମାନର ରାଜନୀତିରେ ଯୁବ ଶ୍ରେଣୀର ବିଶେଷ ଆବଶ୍ୟକତା ରହିଛି। କିନ୍ତୁ ପୂର୍ବରୁ ଏକ ଧାରଣା ରହିଥିଲା ଯେ ଜଣେ ଯୁବକ ରାଜନୀତିକୁ ଆସିଲେ ଲୋକେ କହୁଥିଲେ ପିଲାଟା ନଷ୍ଟ ହୋଇଗଲା। ଅନେକଙ୍କ ଧାରଣା ଯେ ସବୁକିଛି ବଦଳିଯିବ କିନ୍ତୁ ରାଜନୀତିର ପରିବର୍ତ୍ତନ ହୋଇପାରିବ ନାହିଁ। କିନ୍ତୁ ସମ୍ପ୍ରତି ସଚ୍ଚୋଟ ଲୋକଙ୍କୁ ରାଜନୀତିକୁ ଆସିବାକୁ ସୁଯୋଗ ମିଳିଛି।

ସ୍ୱାମୀ ବିବେକାନନ୍ଦ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀଜୀ ସର୍ବଦା ଶାରିରୀକ ଓ ମାନସିକ ଶକ୍ତି ଉପରେ ଗୁରୁତ୍ୱାରୋପ କରୁଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଦ୍ୱାରା ଅନୁପ୍ରାଣୀତ ହୋଇ ସରକାର ଭାରତର ଯୁବସମାଜର ଉଭୟ ମାନସିକ ଓ ଶାରିରୀକ ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏକଦା ସ୍ୱାମୀଜୀ କହିଥିଲେ, ନିର୍ଭିକ ଓ ନିର୍ମଳ ତଥା ଉଚ୍ଚାଭିଳାଷୀ ଯୁବକଙ୍କ ଦ୍ୱାରା ରାଷ୍ଟ୍ରର ଭବିଷ୍ୟତ ଗଠନ କରାଯାଇପାରିବ। ସମୟ ଅତିକ୍ରାନ୍ତ ହୋଇଛି। ଦେଶ ସ୍ୱାଧୀନ ହୋଇଛି। କିନ୍ତୁ ଏବେ ବି ସ୍ୱାମୀଜୀଙ୍କ ପ୍ରଭାବ ରହିଛି। ସେ ଆଧ୍ୟାତ୍ମିକବାଦ, ଜାତୀୟତାବାଦ ଏବଂ ରାଷ୍ଟ୍ରଗଠନ ସମ୍ପର୍କରେ ସ୍ୱାମୀଜୀ ଯାହା ସବୁ କହିଥିଲେ ତାର ଏବେ ବି ପ୍ରାସଙ୍ଗିକତା ରହିଛି। ଆମର ସ୍ୱାଧୀନତା ସଂଗ୍ରାମୀମାନେ ମଧ୍ୟ ବିବେକାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଦେଶର ଲକ୍ଷ ଲକ୍ଷ ଯୁବକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସଂସଦର କେନ୍ଦ୍ରୀୟ କକ୍ଷରେ ଅନୁଷ୍ଠିତ ଦୁଇଦିନିଆ ରାଷ୍ଟ୍ରୀୟ ଯୁବ ସଂସଦର ଏହି ଉଦ୍‌ଯାପନୀ ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଏବଂ ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଉଦ୍‌ବୋଧନ ଦେଇଥିଲେ।

## ଭିଷ୍ଟା ପ୍ରକଳ୍ପକୁ ଐତିହ୍ୟ ସଂରକ୍ଷଣ କମିଟିର ମଞ୍ଜୁରୀ



**ନୂଆଦିଲ୍ଲୀ,୧୨।୧/ଏଜେନ୍ସି:** ସୁପ୍ରିମକୋର୍ଟଙ୍କ ଅନୁମତି ପରେ ନୂଆଦିଲ୍ଲୀରେ ନିର୍ମିତ ହେବାକୁ ଥିବା ଭିଷ୍ଟା ପ୍ରକଳ୍ପ (ନୂତନ ସଂସଦ ଭବନ)କୁ ଐତିହ୍ୟ ସଂରକ୍ଷଣ କମିଟି ଅନୁମୋଦନ କରିଛି। ମଙ୍ଗଳବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୃହନିର୍ମାଣ ବିଭାଗ ସଚିବ ଏ ସମ୍ପର୍କିତ ସୂଚନା ଦେଇଛନ୍ତି। ୨୦୨୨ ଅଗଷ୍ଟ ସୁଦ୍ଧା ନିର୍ମିତ ହେବାକୁ ଥିବା ଏହି ନୂତନ ସଂସଦ ଭବନରେ ୧୨୦୦ ସାଂସଦଙ୍କ ପାଇଁ ବସିବାର ବନ୍ଦୋବସ୍ତ ସମେତ ଅତ୍ୟାଧୁନିକ ଲାଇବ୍ରେରୀ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିବ।

## ■ ଜମ୍ମୁ-କଶ୍ମୀରରେ ୫.୧ ତୀବ୍ରତାର ଭୂମିକମ୍ପ

**ଶ୍ରୀନଗର,୧୨।୧/ଏଜେନ୍ସି:** ସୋମବାର ରାତିରେ ଜମ୍ମୁ-କଶ୍ମୀରର କିସ୍ତୱାଡ୍ ଜିଲ୍ଲାରେ ମଧ୍ୟମ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ରହିଥିବା ଜଣାପଡିଛି। ତେବେ ଭୂକମ୍ପ ଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ତେବେ ଭୂକମ୍ପ ଝଟ୍‌କା ଅନୁଭୂତ ହେବାପରେ ସ୍ଥାନୀୟ ବାସିନ୍ଦା ପ୍ରାଣବିକଳରେ ସୁରକ୍ଷିତ ସ୍ଥାନକୁ ପଳାଇଯାଇଥିଲେ। କିସ୍ତୱାଡ୍‌ଠାରୁ ପ୍ରାୟ ୫୪ କିମି ପୂର୍ବରେ ଏହି ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିଲା ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ■ ମଧ୍ୟପ୍ରଦେଶରେ ବିଷାକ୍ତ ଦେଶୀ ମଦ ପିଇ ୧୨ ମୃତ

**ଭୋପାଳ,୧୨।୧/ଏଜେନ୍ସି:** ମଧ୍ୟପ୍ରଦେଶର ମୋରେନା ଜିଲ୍ଲାରେ ବିଷାକ୍ତ ଦେଶୀମଦ ପିଇ ୧୨ ଜଣ ପ୍ରାଣ ହରାଇଛନ୍ତି। ଗୁରୁତର ଅସୁସ୍ଥ ହୋଇଥିବା ଅନ୍ୟ ଦଶଜଣଙ୍କୁ ମୋରେନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୨୫ କିମି ଦୂରରେ ଥିବା ଦୁଇଟି ଗ୍ରାମ ଯଥା ଛେରା ମାନ୍‌ପୁରା ଓ ପାହାୱାଲିରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ଗ୍ରାମବାସୀ ଏକାଠି ବସି ମଦ୍ୟପାନ କରୁଥିବାବେଳେ ପ୍ରାୟ କୋଡିଏ ଜଣ ହଠାତ ବେହୋସ ହୋଇପଡିଥିଲେ। ତେବେ ଏମାନେ କେଉଁଠାରୁ ଏହି ମଦ କିଣିଥିଲେ, ତାହା ଠାବ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି।

## ■ ଜାଲିକଟୁ ଉତ୍ସବରେ ଯୋଗଦେବେ ରାହୁଲ

**ମଦୁରାଇ,୧୨।୧/ଏଜେନ୍ସି:** ମକର ସଂକ୍ରାନ୍ତି ତଥା ପୋଙ୍ଗଲ ଉପଲକ୍ଷେ ଆସନ୍ତା ୧୪ରୁ ତାମିଲନାଡୁରେ ଜାଲିକଟୁ ଉତ୍ସବ (ଷଣ୍ଢକୁ କାବୁ କରିବା ପ୍ରତିଯୋଗିତା) ଆୟୋଜିତ ହେବାକୁ ଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସେଦିନ ମଦୁରାଇରେ ଅନୁଷ୍ଠିତ ହେବାକୁ ଥିବା ଜାଲିକଟୁର ଯୋଗଦେବେ ବୋଲି ଜଣାପଡିଛି। ଚଳିତବର୍ଷ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ଜାଲିକଟୁପାଇଁ ଦର୍ଶକଙ୍କ ସଂଖ୍ୟା ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ରାହୁଲଙ୍କ ଗସ୍ତ ନିର୍ବାଚନ ପ୍ରଚାରର ଶୁଭାରମ୍ଭ ବୋଲି କୁହାଯାଉଛି।

## ■ ମାଲେସିଆରେ ଜରୁରୀ ପରିସ୍ଥିତି ଘୋଷଣା

**କୁଆଲାଲମ୍ପୁର,୧୨।୧/ଏଜେନ୍ସି:** ଦେଶରେ କୋଭିଡ୍ ପରିସ୍ଥିତି ଭୟାବହ ରୂପ ଧାରଣ କରିଥିବାରୁ ମାଲେସିଆରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି। ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଜରୁରୀ ପରିସ୍ଥିତି ଘୋଷଣା ଅବଶ୍ୟମ୍ଭାବୀ ହୋଇପଡିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେବାପରେ ମାଲେସିଆ ରାଜା ଅଲ୍ ସୁଲତାନ ଅବଦୁଲ୍ଲା ମଙ୍ଗଳବାର ଏହାକୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ମାଲେସିଆରେ ଦୁଇ ସପ୍ତାହ ବ୍ୟାପୀ ଲକ୍‌ଡାଉନ ଜାରି ରହିଛି।

## ■ କ୍ୟାସିନୋରୁ ୧୩ ନିୟୁତ ଡଲାର ନେଇ ମହିଳା ଚମ୍ପଟ୍

**ସିଓଲ,୧୨।୧/ଏଜେନ୍ସି:** ଦକ୍ଷିଣ କୋରିଆର ଜେଜୁ ପ୍ରଦେଶରେ ଥିବା ଏକ କ୍ୟାସିନୋ (ଆନ୍ତର୍ଜାତିକ ଜୁଆ ଆଡ୍ଡା)ର ଜନୈକା ମହିଳା କର୍ମଚାରୀ ଉକ୍ତ କ୍ୟାସିନୋରେ ଥିବା ନଗଦ ୧୩ ନିୟୁତ ଡଲାର ଲୁଟିନେଇ ଚମ୍ପଟ ହୋଇଥିବା ଜଣାପଡିଛି। ଦକ୍ଷିଣ କୋରିଆର ଦକ୍ଷିଣରେ ଅବସ୍ଥିତ ଏହି ଦ୍ୱୀପ କ୍ୟାସିନୋ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ ଏଠାରେ କେବଳ ବିଦେଶୀଙ୍କୁ ପ୍ରବେଶ ଅନୁମତି ମିଳିଥାଏ। ତେବେ ନଗଦ ୧୩ ନିୟୁତ ଡଲାରର ଓଜନ ପ୍ରାୟ ୨.୮ କ୍ୱିଣ୍ଟାଲ ହୋଇଥିବାବେଳେ ମହିଳା କର୍ମଚାରୀ ଜଣକ କିପରି ଏହାକୁ ଲୁଟିଲେ, ତାହା ସ୍ଥାନୀୟ ପୁଲିସକୁ ଚିନ୍ତାରେ ପକାଇଛି।

# ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ



**ୱାଶିଂଟନ୍,୧୨।୧/ଏଜେନ୍ସି:** ଗତ ସପ୍ତାହରେ ଆମେରିକାର ସଂସଦ ଭବନ କ୍ୟାପିଟଲ ବିଲ୍ଡିଂରେ ହିଂସାକାଣ୍ଡ ସୃଷ୍ଟି ପାଇଁ ନିଜ ସମର୍ଥକମାନଙ୍କୁ ଉସୁକାଇଥିବାରୁ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଡେମୋକ୍ରାଟିକ୍ ପାର୍ଟି ନିୟନ୍ତ୍ରଣରେ ଥିବା ପ୍ରତିନିଧି ସଭା (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍)ରେ ମହାଅଭିଯୋଗ ଅଣାଯାଇଛି। ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦରୁ ତୁରନ୍ତ ହଟାଇବା ପାଇଁ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ଏହି ମହାଅଭିଯୋଗ ପ୍ରସ୍ତାବ ଆଗତ କରାଯାଇଛି। ଏହା ଉପରେ ବୁଧବାର ଭୋଟ ଗ୍ରହଣ କରାଯିବ।

ଉଲ୍ଲେଖଯୋଗ୍ୟ ଗତ ୬ ତାରିଖରେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ ବିଲ୍ଡିଂକୁ ଅବରୋଧ କରି ହିଂସାକାଣ୍ଡ ଭିଆଇଥିଲେ। ଏଥିରେ ଜଣେ ସୁରକ୍ଷା ଅଧିକାରୀଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଥିଲା। ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ଲାଗି ଆମେରିକା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍)ରେ ଡେମୋକ୍ରାଟିକ୍ ପାର୍ଟିର ଯଥେଷ୍ଟ ସଂଖ୍ୟା ଗରିଷ୍ଠତା ରହିଛି। କିନ୍ତୁ ସିନେଟ୍‌ରେ ରିପବ୍ଲିକାନ ପାର୍ଟିର ୫୧ ସାଂସଦ ଥିଲା ବେଳେ ଡେମୋକ୍ରାଟିକ୍ ପାର୍ଟିର ୫୦ ସାଂସଦ ରହିଛନ୍ତି। କିନ୍ତୁ ଏହି ସଦନରେ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବାକୁ ଦୁଇତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ସିନେଟ୍‌ର ସଂଖ୍ୟା ଗରିଷ୍ଠ ନେତା ମିଚ୍ ମ୍ୟାକ୍ କୋର୍ଣ୍ଣେଲ କହିଛନ୍ତି, କଂଗ୍ରେସର ଏହି ଉଚ୍ଚସଦନରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବା ସମ୍ଭାବନା ନାହିଁ। ଗତ ସୋମବାର କଂଗ୍ରେସ ସଦସ୍ୟା ଇଲହାନ ଓମାର ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ନେଇ ଦୁଇଟି ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମ ପ୍ରସ୍ତାବରେ ଟ୍ରମ୍ପ କ୍ଷମତାର ଦୁରୁପଯୋଗ କରି ୨୦୨୦ ରାଷ୍ଟ୍ରପତି ନିର୍ବାଚନକୁ ରଦ୍ଦ କରିବା ମସୁଧାରେ ଥିଲେ ବୋଲି ଅଭିଯୋଗ ଅଣାଯାଇଛି। ଦ୍ୱିତୀୟ ପ୍ରସ୍ତାବରେ ଆମ ଦେଶ ବିରୋଧରେ ବିଦ୍ରୋହ ସୃଷ୍ଟି କରିବା ପାଇଁ ହିଂସାକାଣ୍ଡକୁ ଉସୁକାଯାଇଥିଲା ବୋଲି ଦର୍ଶାଯାଇଛି।

ଏହା ପୂର୍ବରୁ ସମ୍ବିଧାନର ୨୫ତମ ସଂଶୋଧନ ବଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ସଂସଦରେ ଏକ ପ୍ରସ୍ତାବ ଆଗତ ହୋଇଥିଲା। ଏହା ଉପରେ ତୁରନ୍ତ ଭୋଟଗ୍ରହଣ ପାଇଁ ମଧ୍ୟ ଦାବି କରାଯାଇଥିଲା। ହେଲେ, ରିପବ୍ଲିକାନ୍ ଦଳ ପକ୍ଷରୁ ଏହାକୁ ଅଟକାଇ ଦିଆ ଯାଇଥିଲା। ଏହି ଘଟଣା ପରେ ଡେମୋକ୍ରାଟିକ୍ ଦଳ ପକ୍ଷରୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ଆଗତ କରାଯାଇଛି। ଉପରାଷ୍ଟ୍ରପତି ମାଇକପେନ୍ସ ଟ୍ରମ୍ପଙ୍କ ବିରୋଧରେ ଆମେରିକୀୟ ସମ୍ବିଧାନର ୨୫ତମ ସଂଶୋଧନକୁ ଉପଯୋଗ କରି ତୁରନ୍ତ ତାଙ୍କୁ କ୍ଷମତାରୁ ହଟାନ୍ତୁ ବୋଲି ପ୍ରତିନିଧି ସଭାର ବାଚସ୍ପତି ନାନ୍ସି ପେଲୋସି ଦାବି କରି ଆସୁଛନ୍ତି।

ରୁବେୟା ମୁଫ୍‌ତିଙ୍କ ଅପହରଣ ମାମଲା

## ୟାସିନ୍ ମାଲିକ୍‌ଙ୍କ ବିରୋଧରେ ଚାର୍ଜଫ୍ରେମ୍



**ଶ୍ରୀନଗର,୧୨।୧/ଏଜେନ୍ସି:** ଆଜକୁ ୩୧ ବର୍ଷ ପୂର୍ବେ ଅର୍ଥାତ ୧୯୮୯ରେ ତତ୍କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦଙ୍କ କନ୍ୟା ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ସାନ ଭଉଣୀ ରୁବେୟା ମୁଫ୍‌ତିଙ୍କ ଅପହରଣ ମାମଲାରେ ସ୍ୱତନ୍ତ୍ର ଟାଡା କୋର୍ଟ ସୋମବାର ଜେକେଏଲଏଫ୍ (ଜମ୍ମୁ-କଶ୍ମୀର ଲିବରେସନ ଫ୍ରଣ୍ଟ) ନେତା ୟାସିନ ମାଲିକଙ୍କ ସମେତ ମୋଟ ୧୦ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ଅଭିଯୁକ୍ତମାନେ ୧୯୮୯ ଡିସେମ୍ବର ୮ରେ ରୁବେୟାଙ୍କୁ କଶ୍ମୀରର ନାଓଁଗାରୁ ଅପହରଣ କରିନେଇଥିଲେ। ଜମ୍ମୁ-କଶ୍ମୀରରେ ଗିରଫ ହୋଇଥିବା ପାଞ୍ଚଜଣ ଆତଙ୍କବାଦୀଙ୍କୁ ଖଲାସ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବାକୁ ଏଭଳି ଅପହରଣ କରାଯାଇଥିଲା ବୋଲି ତଦନ୍ତକାରୀ ସଂସ୍ଥା ସିବିଆଇ ପକ୍ଷରୁ କୁହାଯାଇଛି। ୧୯୯୪ରେ ଆତଙ୍କବାଦ ଛାଡି ରାଜନୀତିରେ ପାଦ ଥାପିଥିବା ୟାସିନ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ସିବିଆଇ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି। ଏପରିକି ୧୯୯୦ରେ ଭାରତୀୟ ବାୟୁସେନାର ୪ଜଣ ନିରସ୍ତ୍ର ଅଧିକାରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗତବର୍ଷ ୟାସିନଙ୍କ ବିରୋଧରେ ମଧ୍ୟ ଚାର୍ଜଫ୍ରେମ କରାଯାଇଛି। ୟାସିନ ବର୍ତ୍ତମାନ ଦିଲ୍ଲୀର ତିହାର ଜେଲରେ ଅବସ୍ଥାନ କରୁଥିବା ଜଣାପଡିଛି।

ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ

## କେନ୍ଦ୍ରମନ୍ତ୍ରୀ ଶ୍ରୀପଦଙ୍କ ଶରୀରରେ ଅସ୍ତ୍ରୋପଚାର



**ପାଣାଜୀ,୧୨।୧/ଏଜେନ୍ସି:** ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାୟକଙ୍କ ହାତ ଓ ଗୋଡରେ ମଙ୍ଗଳବାର ଅସ୍ତ୍ରୋପଚାର କରାଯାଇଥିବା ଜଣାପଡିଛି। ଶ୍ରୀପଦ କର୍ଣ୍ଣାଟକର ଧର୍ମସ୍ଥଳରୁ ସପରିବାର ଗୋଆ ଫେରୁଥିବାବେଳେ ସୋମବାର ଉତ୍ତର କନ୍ନଡ ଜିଲ୍ଲା ଅନ୍ତର୍ଗତ ଆଙ୍କୋଲା ସହର ନିକଟରେ ତାଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଶ୍ରୀପଦଙ୍କ ପତ୍ନୀ ଓ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଡ୍ରାଇଭରଙ୍କ ସମେତ ଶ୍ରୀପଦ ଗୁରୁତର ଆହତ ହୋଇଥିଲେ। କେନ୍ଦ୍ରରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଥିବା ଶ୍ରୀପଦଙ୍କୁ ତୁରନ୍ତ ଗୋଆସ୍ଥିତ ସରକାରୀ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଶ୍ରୀପଦଙ୍କ ଚିକିତ୍ସା ବ୍ୟବସ୍ଥାକୁ ବ୍ୟକ୍ତିଗତଭାବେ ତଦାରଖ କରିବାକୁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ମୋଦୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ଗୋଆ ଆସି ଶ୍ରୀପଦଙ୍କୁ ଭେଟିଥିବା ଜଣାପଡିଛି।

## ତ୍ରିପୁରା: ସନ୍ତାନଙ୍କ ସମ୍ମୁଖରେ ପତ୍ନୀ, ଶାଶୂଙ୍କୁ ନିର୍ମମ ହତ୍ୟା

**ଅଗରତାଲା,୧୨।୧/ଏଜେନ୍ସି:** ତ୍ରିପୁରାରେ ଜଣେ ବ୍ୟକ୍ତି କ୍ରୋଧାନ୍ୱିତ ଅବସ୍ଥାରେ ନିଜର ଦୁଇ ସନ୍ତାନଙ୍କ ସମ୍ମୁଖରେ ପତ୍ନୀ ଓ ଶାଶୂଙ୍କୁ ନିର୍ମମଭାବେ ହତ୍ୟା କରିବାପରେ ସେମାନଙ୍କ ମୃତଦେହକୁ କାଟି ଖଣ୍ଡ ଖଣ୍ଡ କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ହତ୍ୟା କରିବାପରେ ବ୍ୟକ୍ତିଜଣକ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଏହି ଲୋମହର୍ଷଣକାରୀ ଘଟଣାଟି ସୋମବାର ତ୍ରିପୁରାର ଢାଲାଇ ଜିଲ୍ଲାରେ ଘଟିଛି। ରାଜଧାନୀ ଅଗରତାଲାରୁ ମାତ୍ର ୭ କିମି ଦୂର ହାପାନିଆରେ ଅଭିଯୁକ୍ତ ଜଣକ ବାସ କରୁଛନ୍ତି। ସମ୍ଭବତଃ ଦାମ୍ପତ୍ୟ କଳହ ଯୋଗୁଁ ଆଜକୁ ପ୍ରାୟ ଚାରିମାସ ହେଲା ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପତ୍ନୀ ବାପଘରେ ମାଆଙ୍କ ସହ ଅଲଗା ରହୁଥିଲେ। ଏପରିକି ସେମାନଙ୍କର ଛାଡପତ୍ର ପ୍ରକ୍ରିୟା ମଧ୍ୟ ଚୂଡାନ୍ତ ହୋଇସାରିଥିଲା। ତେବେ ପ୍ରତିଶୋଧ ନେବାକୁ ବ୍ୟକ୍ତିଜଣକ ଶ୍ୱଶୁରଘରକୁ ଯାଇ ପତ୍ନୀ ଓ ଶାଶୂଙ୍କୁ ଧାରୁଆ ଅସ୍ତ୍ରରେ ହାଣିବାପରେ ସେମାନଙ୍କ ଶରୀରକୁ କାଟି ଖଣ୍ଡବିଖଣ୍ଡିତ କରିଥିଲେ। ଘରୁ ରକ୍ତବୋହିବା ଏବଂ ପିଲାଙ୍କ ଚିତ୍କାର ଶୁଣିବାପରେ ପଡୋଶୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରୁ ବେହୋସ ଅବସ୍ଥାରେ ହତ୍ୟାକାରୀଙ୍କୁ ଡାକ୍ତରଖାନା ନେବାପରେ ଦୁଇ ଶିଶୁଙ୍କୁ ଜିଲ୍ଲା ଶିଶୁ କଲ୍ୟାଣ ଅଧିକାରୀଙ୍କ ହେପାଜତରେ ରଖିଥିବା ଜଣାପଡିଛି।

## ୱିଲିୟମ ବର୍ଣ୍ଣସ ନୂଆ ସିଆଇଏ ମୁଖ୍ୟ



**ୱାଶିଂଟନ,୧୨।୧/ଏଜେନ୍ସି:** ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ସୋମବାର ଜାତୀୟ ଗୁଇନ୍ଦା ସଂସ୍ଥା ସିଆଇଏ (ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି) ମୁଖ୍ୟଭାବେ ୱିଲିୟମ ବର୍ଣ୍ଣସଙ୍କୁ ନିଯୁକ୍ତ କରିଛନ୍ତି। ୬୪ ବର୍ଷୀୟ ବର୍ଣ୍ଣସ ଜଣେ ପେସାଦାର କୂଟନୀତିଜ୍ଞ ହୋଇଥିବାବେଳେ ବର୍ତ୍ତମାନ ୱାଶିଂଟନସ୍ଥିତ 'କାର୍ନେଜ୍ ଏଣ୍ଡାଓମେଣ୍ଟ ଫର୍ ଇଣ୍ଟରନ୍ୟାସନାଲ ପିସ୍' ସଂଗଠନର ସଭାପତିଭାବେ କାର୍ଯ୍ୟରତ ଅଛନ୍ତି। ଆମେରିକା ରାଷ୍ଟ୍ରପତିମାନେ ସାଧାରଣତଃ ଏହି ପଦରେ ଅଭିଜ୍ଞ ରାଜନେତା କିମ୍ବା ସେନା ଅଧିକାରୀଙ୍କୁ ନିଯୁକ୍ତ କରୁଥିବାବେଳେ ପ୍ରଥମ ଥର କୌଣସି କୂଟନୀତିଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି।

# ଝାଡ଼ଖଣ୍ଡରେ ବ୍ୟାପକ ପକ୍ଷୀମଡକ



**ଡୁମ୍‌କା,୧୨।୧/ଏଜେନ୍ସି:** ଦେଶର ୧୦ଟି ରାଜ୍ୟରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେଇଥିବାବେଳେ ବର୍ତ୍ତମାନ ଏହି ମାନଚିତ୍ରରେ ଝାଡଖଣ୍ଡ ସ୍ଥାନ ପାଇବାକୁ ଯାଉଛି। ସୋମବାର ସକାଳେ ଝାଡଖଣ୍ଡର ଡୁମ୍‌କା ଜିଲ୍ଲା ଅନ୍ତର୍ଗତ ପୋଖରିଆ ଗ୍ରାମରେ ଶତାଧିକ କାଉ, ଶାରୀ ଓ ଅନ୍ୟାନ୍ୟ ପକ୍ଷୀ ମରିବା ଫଳରେ ଏଠାରେ ବାର୍ଡ ଫ୍ଲୁ ଆଶଙ୍କା ଉପୁଜିଛି। ଜଣେ ଗ୍ରାମବାସୀଙ୍କ ବୟାନ ଅନୁଯାୟୀ ସୋମବାର ସକାଳେ ହଠାତ୍ ଗଛ ଉପରେ ବସିଥିବା ଏହି ପକ୍ଷୀମାନେ ତଳକୁ ଖସିପଡିଥିଲେ।

କିଛି ସମୟ ଛଟପଟ ହେବାପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ବୁଲା କୁକୁର ଓ ବିରାଡିମାନେ ଏହି ମୃତ ପକ୍ଷୀଙ୍କୁ ଖାଇବା ଆରମ୍ଭ କରିବାରୁ ଲୋକେ ଅଧିକ ଆତଙ୍କିତ ହୋଇପଡିଥିଲେ। ସେମାନେ ତୁରନ୍ତ ସ୍ଥାନୀୟ ପଶୁସମ୍ପଦ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଅବିଳମ୍ବେ ଘଟଣାସ୍ଥଳରେ ପହଞ୍ଚି କେତେକ ମୃତ ପକ୍ଷୀଙ୍କର ନମୁନା ସଂଗ୍ରହ କରିଥିବାବେଳେ ଅନ୍ୟଗୁଡିକୁ ସତର୍କତାର ସହ ପୋତିଦେଇଥିଲେ। ସଂଗୃହୀତ ନମୁନାଗୁଡିକୁ ରାଞ୍ଚିସ୍ଥିତ ପରୀକ୍ଷାଗାରକୁ ପଠାଯିବ ବୋଲି ଜଣାପଡିଛି। ଏଭଳି ଘଟଣାରେ ସତର୍କ ରହିବା ସହ ତୁରନ୍ତ ପୁଲିସ କିମ୍ବା ପଶୁସମ୍ପଦ ବିଭାଗକୁ ସୂଚନା ଦେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

## ମୁମ୍ବାଇରେ ମାର୍ଗଦର୍ଶିକା ଜାରି

**ମୁମ୍ବାଇ :** ମଙ୍ଗଳବାର ମୁମ୍ବାଇ ସହରରେ ଦୁଇଟି ମୃତ କାଉଙ୍କ ଶରୀରରେ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ଚିହ୍ନଟ ହେବାପରେ ବିଏମ୍‌ସି (ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଯଦି କୌଣସି ସ୍ଥାନରେ ପକ୍ଷୀଙ୍କର ଅସ୍ୱାଭାବିକ୍ ମୃତ୍ୟୁ ଘଟୁଥିବା ଲକ୍ଷ୍ୟ କରାଯାଏ, ତାହାହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର ୧୯୧୬କୁ ଯୋଗାଯୋଗ କରିବାକୁ ସହରବାସୀଙ୍କୁ କୁହାଯାଇଛି। ବାର୍ଡ ଫ୍ଲୁ ସଂକ୍ରାନ୍ତ ସ୍ଥିତିର ଉଚିତ ମୁକାବିଲା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯାଇଛି। ମୃତ ପକ୍ଷୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ପୋତିବା ନିମନ୍ତେ ପୌର କର୍ମଚାରୀଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ପୋତାଯାଇଥିବା ସ୍ଥାନକୁ କୁକୁର ଓ ଅନ୍ୟ ଜୀବଜନ୍ତୁ ଯେପରି ଖୋଳାଖୋଳି ନ କରନ୍ତି, ସେଥିପାଇଁ ସେଠାରେ ପର୍ଯ୍ୟାପ୍ତ ପରିମାଣର ଚୂନ ପକାଇବାକୁ କୁହାଯାଇଛି। ବିଏମ୍‌ସୀ ପକ୍ଷରୁ ବାର୍ଡ ଫ୍ଲୁ ସମ୍ପର୍କରେ ଜନସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।

ବିଜେପିକୁ ଶିବସେନାର ଟାର୍ଗେଟ

## ଆଇଏସ୍‌ଆଇ, ଖଲିସ୍ତାନୀଙ୍କ ହାତ ନାହିଁ ତ ?

**ମୁମ୍ବାଇ :** ଦେଶର ଦଶଟି ରାଜ୍ୟରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେବାପରେ ବିରୋଧୀ ଦଳଗୁଡିକ ଏ ପ୍ରସଙ୍ଗରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ଏନ୍‌ଡିଏରୁ ବାହାରି ଯାଇଥିବା ଶିବସେନା ତାହାର ମୁଖପତ୍ର 'ସାମନା'ରେ ପ୍ରକାଶିତ ସମ୍ପାଦକୀୟରେ ବାର୍ଡ ଫ୍ଲୁ ପଛରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ କିମ୍ବା ଖଲିସ୍ତାନୀ ଆତଙ୍କବାଦୀଙ୍କ ହାତ ଅଛି କି ବୋଲି ସରକାରଙ୍କୁ ପ୍ରଶ୍ନ କରାଯାଇଛି। ସଂପ୍ରତି ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନ ପଛରେ ପାକିସ୍ତାନୀ, ଖଲିସ୍ତାନୀ, ଚାଇନିଜ୍, ନକ୍ସଲ ଓ ମାଓବାଦୀଙ୍କ ହାତ ଥାଇପାରେ ବୋଲି କେତେକ ବିଜେପି ନେତା ପୂର୍ବରୁ ମନ୍ତବ୍ୟ ଦେଇଥିଲେ। କୃଷକ ଓ କୁକୁଡା ବେପାର ମଧ୍ୟରେ ସମ୍ପର୍କ ଥିବାରୁ ବାର୍ଡ ଫ୍ଲୁ ପାଇଁ ଏହି ବିଦେଶୀ ଶକ୍ତିଙ୍କ ହାତ ରହିଛି କି ବୋଲି ଶିବସେନା ତାଚ୍ଛଲ୍ୟଭାବେ ବିଜେପିକୁ ଆକ୍ଷେପ କରିଛି।

## ବିହାର: ଅନ୍‌ଲାଇନ ଠକେଇ ରାକେଟ୍ ଠାବ, ୧୬ ଗିରଫ

**ପାଟନା,୧୨।୧/ଏଜେନ୍ସି:** ବିହାର ପୁଲିସ ଇତିମଧ୍ୟରେ ରାଜ୍ୟରେ ସାଇବର ଅପରାଧ ଚଳାଇଥିବା ଏକ ଅନ୍‌ଲାଇନ ଠକେଇ ରାକେଟକୁ ଠାବ କରିବା ସହ ଉକ୍ତ ଗ୍ୟାଙ୍ଗ୍‌ର ୧୬ ଜଣଙ୍କୁ ସୋମବାର ଗିରଫ କରିଥିବା ଜଣାପଡିଛି। ସେମାନଙ୍କ ନିକଟରୁ ୪୦ଟି ଏଟିଏମ କାର୍ଡ, ୨ଟି ବ୍ୟାଙ୍କ ପାସ୍‌ବୁକ୍, ୨୪ଟି ସ୍ମାର୍ଟ ଫୋନ, ୧୨ଟି ଫିଚର ଫୋନ, ୧୨ଟି ସିମ୍‌କାର୍ଡ, ୧୪ଟି ଜାଲ୍ ଷ୍ଟାମ୍ପ, ୨ କିଲୋ ନକଲି ସ୍ୱର୍ଣ୍ଣମୁଦ୍ରା, ଗୋଟିଏ ଲ୍ୟାପ୍‌ଟପ୍, ୨ଟି କଲର ପ୍ରିଣ୍ଟର, ୨୫୦୦ ସ୍କ୍ରାଚ୍‌କାର୍ଡ, ୧୭୦୦ ଲଫାପା, ୧୦ କିଲୋ ଓଜନର ପାମ୍ପଲେଟ୍, ଏକାଧିକ ଡାଏରୀ, ୩ଟି ବାଇକ୍ ଜବତ କରାଯାଇଛି। ଗିରଫ ୧୬ ଜଣଙ୍କ ମଧ୍ୟରୁ ୮ ଜଣ କର୍ଣ୍ଣାଟକ ବାସିନ୍ଦା ହୋଇଥିବାବେଳେ କୋଲକାତାର ଜଣେ ଓ ବିହାର ଅନ୍ତର୍ଗତ ଗୟାର ୫ ଜଣ ଓ ନୱାଡାର ୨ ଜଣ ସାମିଲ ଅଛନ୍ତି। ଏହି ରାକେଟର ମୁଖ୍ୟ କୁହାଯାଉଥିବା ରୋଶନ କୁମାର ଫେରାର ଥିବା କୁହାଯାଇଛି। ରୋଶନ ଜଣେ ଇଂଜିନିୟରିଂ (ବି.ଟେକ୍) ଛାତ୍ର ଥିଲେ ସୁଦ୍ଧା ଅଧାରୁ ପାଠଛାଡି ଏହି ଧନ୍ଦାରେ ମୁଣ୍ଡ ଖେଳାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି। ବେଙ୍ଗାଲୁରୁରୁ ଆସିଥିବା ୮ଜଣ ସାଇବର ଠକେଇ ସଂକ୍ରାନ୍ତ ତାଲିମ ନେବାକୁ ଏହି ଗ୍ୟାଙ୍ଗ୍‌ରେ ସାମିଲ ହୋଇଛନ୍ତି ବୋଲି ଗୟା ଏସ୍‌ଏସ୍‌ପି ଆଦିତ୍ୟ କୁମାର କହିଛନ୍ତି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଆମାଜନ, ଫ୍ଲିପ୍‌କାର୍ଟ, ନାପ୍‌ତୋଲ୍ ଓ ସପ୍‌କ୍ଲୁଜ୍ ଭଳି ଅନ୍‌ଲାଇନ ମାର୍କେଟିଂ କମ୍ପାନୀରୁ ସାମଗ୍ରୀ କିଣାକିଣି କରୁଥିବା ଗ୍ରାହକଙ୍କ ମୋବାଇଲ ନମ୍ବର ଓ ଘର ଠିକଣା ସଂଗ୍ରହ କରିବା ସହ ସେମାନଙ୍କୁ ଯୋଗାଯୋଗ କରିଥାନ୍ତି। କଥାବାର୍ତ୍ତା ସମୟରେ ସେମାନେ ସଂପୃକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ବ୍ୟକ୍ତିଙ୍କ ଠିକଣାରେ ପ୍ରଥମେ ସ୍କ୍ରାଚ୍‌କାର୍ଡ, ନକଲି ସ୍ୱର୍ଣ୍ଣମୁଦ୍ରା ଇତ୍ୟାଦି ପଠାଇଥାନ୍ତି। ପରବର୍ତ୍ତୀ ସମୟରେ ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ୍ ଆକାଉଣ୍ଟ କିମ୍ବା ଏଟିଏମ୍ ସଂକ୍ରାନ୍ତ ଆବଶ୍ୟକ ବିବରଣୀ ହାସଲ କରିବାପରେ ଠକେଇ କାର୍ଯ୍ୟରେ ମାତିଯାଇଥାନ୍ତି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଥିବାବେଳେ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅନୁଯାୟୀ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।